# NATIONAL NEWS BULLETIN (ODIA)

## 31 July - 2026

## Evening Bulletin : 7.15 p.m.

**********************************

## ମୁଖ୍ୟ ସମ୍ବାଦ

- କେନ୍ଦ୍ର କ୍ୟାବିନେଟ୍‌ରେ ପି.ଏମ୍. କିଶାନ୍ ଯୋଜନାକୁ ଆଉ ୫ ବର୍ଷ ବୃଦ୍ଧି କରିବାକୁ ନିଷ୍ପତ୍ତି ।

– ସମୁଦ୍ର ମନ୍ଥନ ଯୋଜନା ପାଇଁ ମଞ୍ଜୁର ହେଲା ୮୪ ହଜାର ୮୪ କୋଟି ଟଙ୍କା ।

- ବିଭିନ୍ନ ପ୍ରସଙ୍ଗରେ ବିରୋଧି ସଦସ୍ୟଙ୍କ ହଟ୍ଟଗୋଳ ଯୋଗୁଁ ସଂସଦର ଉଭୟ ଗୃହ ଆଜି ଦିନକ ପାଇଁ ମୁଲତବୀ ।
- ପ୍ରଧାନମନ୍ତ୍ରୀ ଆସନ୍ତାକାଲି ଆନ୍ଧ୍ରପ୍ରଦେଶ ଓ କର୍ଣ୍ଣାଟକ ଗସ୍ତରେ ଯାଇ ବିଭିନ୍ନ ପ୍ରକଳ୍ପର କରିବେ ଉଦ୍‌ଘାଟନ ଓ ଶିଳାନ୍ୟାସ ।
- ବୃହତ୍ ଜମାରାଶି ପାଇଁ ସୁଧହାର ଉପରେ ଆର୍‌ବିଆଇର ସଂଶୋଧିତ ନିର୍ଦ୍ଦେଶାବଳୀ ଜାରି ।

ଏବଂ

- ଗ୍ଲାସ୍‌ଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତର ମହିଳା ମୁଷ୍ଟି ଯୋଦ୍ଧା ପ୍ରୀତି ପାଓ୍ୱାର ୫୪ କିଲୋଗ୍ରାମ ଫାଇନାଲ୍ ପର୍ଯ୍ୟାୟକୁ ଉନ୍ନିତ ।

# କ୍ୟାବିନେଟ୍-ପିଏମ୍ କିଶାନ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଆଜି ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ପ୍ରଧାନମନ୍ତ୍ରୀ କିଶାନ୍ ସମ୍ମାନନିଧି ପି.ଏମ୍. କିଶାନ୍ ଯୋଜନା ୨୦୨୬-୨୭ରୁ ୨୦୩୦-୩୧ ପର୍ଯ୍ୟନ୍ତ ଜାରି ରଖିବା ନେଇ ଅନୁମୋଦିତ ହୋଇଛି । ଗଣମାଧ୍ୟମକୁ ସୂଚନା ଦେଇ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଏହି ୫ ବର୍ଷ ଅବଧି ମଧ୍ୟରେ ଯୋଜନା କାର୍ଯ୍ୟକାରୀ ନିମନ୍ତେ ସମୁଦାୟ ୩ ଦଶମିକ୍ ୧/୫ ଲକ୍ଷ କୋଟି ଟଙ୍କା ଅନୁମୋଦନ କରାଯାଇଛି ।

ଶ୍ରୀ ବୈଷ୍ଣବ କହିଛନ୍ତି, କୃଷକମାନଙ୍କ ସମୃଦ୍ଧି ଦେଶର ସମୃଦ୍ଧିର ମୂଳଦୁଆ ବୋଲି ସରକାରଙ୍କ ପ୍ରତିବଦ୍ଧତାକୁ ଦର୍ଶାଇ ଏହା ଅନୁମୋଦନ କରାଯାଇଛି । ସେ କହିଛନ୍ତି, ପି.ଏମ୍. କିଶାନ୍ ଯୋଜନା ଜରିଆରେ ଯୋଗ୍ୟ କୃଷକ ପରିବାରଗୁଡ଼ିକୁ ପ୍ରତ୍ୟକ୍ଷ ସୁବିଧା ହସ୍ତାନ୍ତର ଯୋଜନା ମାଧ୍ୟମରେ ସଠିକ୍ ସମୟରେ ଏବଂ ସ୍ୱଚ୍ଛତା ଭିତ୍ତିରେ ରୋଜଗାର ସହାୟତା ଯୋଗାଇ ଦିଆଯାଇଛି । ୪ ଦଶମିକ୍ ୪/୭ ଲକ୍ଷ କୋଟିରୁ ଊର୍ଦ୍ଧ୍ୱ ଟଙ୍କା

କୃଷକମାନଙ୍କ ବ୍ୟାଙ୍କ୍ ଖାତାକୁ ପ୍ରତ୍ୟକ୍ଷ ଭାବେ ଏ ପର୍ଯ୍ୟନ୍ତ ୨୩ଟି କିସ୍ତି ମାଧ୍ୟମରେ ପ୍ରଦାନ କରାଯାଇଛି । ପି.ଏମ୍. କିଶାନ୍ ମାଧ୍ୟମରେ କୃଷକମାନଙ୍କୁ ବିହନ, ସାର, ଜଳସେଚନ, କୃଷି ଯନ୍ତ୍ରାଂଶ ଏବଂ ଅନ୍ୟାନ୍ୟ କୃଷି ସାମଗ୍ରୀ ଯୋଗାଇ ଦିଆଯାଇ ପାରିଛି ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

**VO-PM Kishan**

କ୍ୟାବିନେଟ୍‌ରେ ଜାତୀୟ ଉପକୂଳ ଅନୁସନ୍ଧାନ ଯୋଜନା 'ସମୁଦ୍ର ମନ୍ଥନ'କୁ ୨୦୩୦-୩୧ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ମଞ୍ଜୁରି ମିଳିଛି । ଏଥିପାଇଁ ୮୪ ହଜାର ୮୪ କୋଟି ଟଙ୍କା ଖର୍ଚ୍ଚ ହେବ । ଏଥିରେ ଗଭୀର ସମୁଦ୍ର ମଧ୍ୟରେ ମହଜୁଦ ତୈଳ ଓ ଗ୍ୟାସର ସନ୍ଧାନ କରାଯିବ । ନୂଆଦିଲ୍ଲୀଠାରେ ଗଣମାଧ୍ୟମକୁ ସୂଚନା ଦେଇ ସୂଚନା ଓ ପ୍ରସାରଣ ମନ୍ତ୍ରୀ କହିଛନ୍ତି, ଏହି ଯୋଜନା ଉପତଟୀୟ ଅନୁସନ୍ଧାନ ମୂଲ୍ୟ ଶୃଙ୍ଖଳରେ ଉଚିତ୍ ମୂଲ୍ୟ ପ୍ରଦାନ କରିବ ।

**VO-Samudra Manthan**

କେନ୍ଦ୍ର ମନ୍ତ୍ରିମଣ୍ଡଳରେ ୨୦୨୬-୨୭ରୁ ୨୦୩୦-୩୧ ଆର୍ଥିକ ବର୍ଷ ନିମନ୍ତେ ୩୬ ହଜାର ୪୪୧ କୋଟି ଟଙ୍କା ବ୍ୟୟରେ ଖେଲୋ ଇଣ୍ଡିଆ ଯୋଜନା ସମ୍ପ୍ରସାରଣ ଏବଂ ଜାତୀୟ କ୍ରୀଡ଼ା ସଂଘଗୁଡ଼ିକୁ ସହାୟତା ବୃଦ୍ଧି ନେଇ ମଞ୍ଜୁରୀ ପ୍ରଦାନ କରାଯାଇଛି । ଯୁବବର୍ଗଙ୍କ ବିକାଶ ପାଇଁ କ୍ରୀଡ଼ାଶକ୍ତିର ଆବଶ୍ୟକତା ଏବଂ ରାଷ୍ଟ୍ରୀୟ ଗଠନ ଦିଗରେ ସରକାରଙ୍କ

ପ୍ରତିବଦ୍ଧତା ଦର୍ଶାଇ କ୍ୟାବିନେଟ୍‌ରେ ଏପରି ନିଷ୍ପତ୍ତି ଗ୍ରହଣ କରାଯାଇଛି । ସେ କହିଛନ୍ତି, ପ୍ରତିଟି ଯୁବ ନିଜର ଦକ୍ଷତା ଏବଂ ପ୍ରତିଭା ପ୍ରତିପାଦିତ କରିବା ଏହି ସହାୟତା ବୃଦ୍ଧି ସହାୟକ ହେବ । ଏହି ଯୋଜନା ତୃଣମୂଳ ସ୍ତରରୁ ଟାର୍ଗେଟ୍ ପୋଡ଼ିୟମ୍ ଅଲିମ୍ପିକ୍ ଯୋଜନା ସ୍ତର ପର୍ଯ୍ୟନ୍ତ ଅଖିଳ ଭାରତୀୟ ପ୍ରଶିକ୍ଷଣ ସୁବିଧା ନିର୍ମାଣ ଦିଗରେ ସାହାଯ୍ୟ କରିବ ।

**VO-Khelo India**

କେନ୍ଦ୍ର କ୍ୟାବିନେଟ୍‌ରେ ଆଜି ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ସରୋବର ଯୋଜନା ଅନୁମୋଦିତ ହୋଇଛି । ଏହି ଯୋଜନା କାର୍ଯ୍ୟକାରୀ ନିମନ୍ତେ ୫ ହଜାର ୭୦ କୋଟି ଟଙ୍କା ଅନୁମୋଦନ କରାଯାଇଛି ।

# ଏଲ୍‌ଏସ୍-ଆର୍‌ଏସ୍-ଆଡଜର୍ଣ୍ଣଡ

ନିଟ୍ ଘଟଣାରେ ବିକ୍ଷୋଭରତ ଛାତ୍ରଛାତ୍ରୀଙ୍କ ଉପରେ ପୋଲିସ ପଦକ୍ଷେପ ଏବଂ ଅନ୍ୟକେତେକ ଘଟଣା ନେଇ ହଟ୍ଟଗୋଳ ଜାରି ରହିବାରୁ ସଂସଦର ଉଭୟ ସଦନକୁ ଆଜି ଦିନକ ପାଇଁ ମୁଲତବୀ ଘୋଷଣା କରାଯାଇଛି । ମଧ୍ୟାହ୍ନ ୧୨ଟାରେ ପ୍ରଥମ ମୁଲତବୀ ପରେ ଲୋକସଭାରେ ଅଧ୍ୟକ୍ଷତା କରୁଥିବା ଦିଲ୍ଲୀପ ସାଇକିଆ ଆଲୋଚନା ପାଇଁ ଜନ୍ମମୃତ୍ୟୁ ପଞ୍ଜିକରଣ ସଂଶୋଧନ ବିଧେୟକ ୨୦୨୬କୁ ଗ୍ରହଣ କରିଥିଲେ । ଗୃହରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ହଟ୍ଟଗୋଳ ମଧ୍ୟରେ ବିଧେୟକ ଉପସ୍ଥାପନ

କରିଥିଲେ । ତେବେ କୌଣସି ଆଲୋଚନା ନ ହୋଇ ବିଧେୟକଟି ଗୃହର ମଞ୍ଜୁରୀ ଲାଭ କରିଥିଲା ।

ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେଣ ରିଜିଜୁ ବିରୋଧୀ ସଦସ୍ୟମାନେ ଆଲୋଚନାରେ ଭାଗ ନେଉ ନ ଥିବା ଘଟଣାକୁ ନେଇ ସମାଲୋଚନା କରିଥିଲେ । ସେ କହିଥିଲେ ଏହି ବିଧେୟକଟି ଏକ ଗୁରୁତ୍ୱପୂର୍ଣ୍ଣ ବିଧେୟକ ଏବଂ ସରକାର ଆଲୋଚନାରେ ସମସ୍ତଙ୍କ ସହଯୋଗ ଚାହୁଁଥିଲେ । ଏଭଳି ଗୁରୁତ୍ୱପୂର୍ଣ୍ଣ ବିଧେୟକ ଉପରେ ଆଲୋଚନା ଲାଗି ସେ ବାରମ୍ବାର କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକୁ ଆହ୍ୱାନ ଦେଇଥିଲେ ।

ବିଧେୟକଟି ଗୃହରେ ମଞ୍ଜୁରୀ ଲାଭ କରିବା ପରେ ବିରୋଧୀ ସଦସ୍ୟମାନଙ୍କ କ୍ରମାଗତ ହଟ୍ଟଗୋଳ ଯୋଗୁଁ ଗୃହକୁ ଆଜି ଦିନକପାଇଁ ମୁଲତବୀ ଘୋଷଣା କରାଯାଇଥିଲା । ଆସନ୍ତା ୩ ତାରିଖ ସୋମବାର ଦିନ ପୂର୍ବାହ୍ନ ୧୧ଟାରେ ପୁଣି ଲୋକସଭାର ଗୃହକାର୍ଯ୍ୟ ଆରମ୍ଭ ହେବ ।

ସମାନ ଘଟଣା ପାଇଁ ରାଜ୍ୟସଭାକୁ ମଧ୍ୟ ସୋମବାର ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରାଯାଇଛି । ଆଜି ପୂର୍ବାହ୍ନ ୧୧ଟାରେ ରାଜ୍ୟସଭାରେ କେନ୍ଦ୍ର ମନ୍ତ୍ରୀଗଣ ବିଭିନ୍ନ ପ୍ରସଙ୍ଗରେ ଦସ୍ତାବିଜ୍ ଉପସ୍ଥାପନ କରିଥିଲେ । ଗ୍ରାମୀଣ ବିକାଶ ଏବଂ ପଞ୍ଚାୟତିରାଜ ସଂସଦୀୟ ଯୁଗ୍ମ କମିଟି ରିପୋର୍ଟ ରାଜ୍ୟସଭାରେ ଉପସ୍ଥାପିତ ହୋଇଥିଲା । କେନ୍ଦ୍ର ସୂଚନା ଓ ପ୍ରସାରଣ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଏଲ୍. ମୁରୁଗାନ ବିଭାଗୀୟ ସଂସଦୀୟ କମିଟିର ୨୨ତମ ରିପୋର୍ଟ ସମ୍ପର୍କରେ ସୂଚନା ଦେଇ ମିଥ୍ୟା ସମ୍ବାଦର ପ୍ରସାରଣ ବନ୍ଦ କରିବା ଲାଗି କୌଶଳ ସମ୍ପର୍କରେ ଗୃହକୁ ଜଣାଇଥିଲେ ।

ଗୃହର ଅଧ୍ୟକ୍ଷ ସି.ପି.ରାଧାକୃଷ୍ଣନ ଶୂନ୍ୟକାଳ ଆରମ୍ଭକରିବା ମାତ୍ରେ ଅନେକ ସଦସ୍ୟ ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡ଼ିକ ଉପସ୍ଥାପନ କରିଥିଲେ । ବିରୋଧୀ ସଦସ୍ୟମାନେ ସ୍ଲୋଗାନ ଦେବା ସହ ସେମାନଙ୍କ ଦାବି ପୂରଣ ଲାଗି ବିରୋଧ ପ୍ରଦର୍ଶନ କରିଥିଲେ । କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ ସିଂହ ଚୌହ୍ୱାନ ଗୃହକାର୍ଯ୍ୟରେ ପ୍ରତ୍ୟେକଟି କ୍ଷେତ୍ରରେ ବାଧା ସୃଷ୍ଟି କରୁଥିବା ବିରୋଧୀ ସଦସ୍ୟମାନଙ୍କୁ ସମାଲୋଚନା କରିଥଲେ । ସେ କହିଥିଲେ ବିରୋଧୀ ସଦସ୍ୟମାନେ ଗୃହର ବାରମ୍ବାର ମର୍ଯ୍ୟାଦାଭଙ୍ଗ କରୁଛନ୍ତି । ଶ୍ରୀ ଚୌହ୍ୱାନ କହିଥିଲେ ଦେଶବାସୀ ସେମାନଙ୍କ କାର୍ଯ୍ୟକଳାପକୁ ନିରୀକ୍ଷଣ କରୁଛନ୍ତି ଏବଂ ସେମାନଙ୍କୁ କଦାପି କ୍ଷମା କରିବେ ନାହିଁ ।

ତେବେ ହଟ୍ଟଗୋଳ ପରିସ୍ଥିତି ଜାରି ରହିବାରୁ ଅଗଷ୍ଟ ୩ ତାରିଖ ସୋମବାର ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ରାଜ୍ୟସଭାକୁ ମୁଲତବୀ ଘୋଷଣା କରାଯାଇଛି ।

# ପିଏମ୍-ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଆନ୍ଧ୍ରପ୍ରଦେଶ ଓ କର୍ଣ୍ଣାଟକକୁ ଦିନିକିଆ ଗସ୍ତରେ ଯିବେ । ଆନ୍ଧ୍ରପ୍ରଦେଶରେ ପ୍ରଧାନମନ୍ତ୍ରୀ ଭୋଗପୁରମଠାରେ ଆଲୁରି ସୀତାରାମ ରାଜୁ ଆନ୍ତର୍ଜାତିକ ବିମାନବନ୍ଦରର ଉଦ୍‌ଘାଟନ କରିବେ । ଏହି ବିମାନବନ୍ଦର ୫ହଜାର ୬୦୦ କୋଟି ଟଙ୍କା

ବ୍ୟୟରେ ସରକାରୀ ଘରୋଇ ଭାଗିଦାରିତାରେ ନିର୍ମାଣ କରାଯାଇଛି । ପରେ ବିଶାଖାପାଟନମରେ ପ୍ରଧାନମନ୍ତ୍ରୀ ୪୬୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଏଏସ୍‌ଆଇପି ସେମି କଣ୍ଡକ୍ଟର ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବେ । ଏହା ଆନ୍ଧ୍ରପ୍ରଦେଶର ପ୍ରଥମ ସେମିକଣ୍ଡକ୍ଟର ନିର୍ମାଣ କେନ୍ଦ୍ର ହେବ । ବାର୍ଷିକ ଏହି କେନ୍ଦ୍ରରୁ ୯୬ ମିଲିୟନ ସେମି କଣ୍ଡକ୍ଟର ଚିପ୍ ଉତ୍ପାଦନ କରାଯିବ ବୋଲି ଜଣାପଡିଛି ।

ଗସ୍ତର ଦ୍ୱିତୀୟ ପର୍ଯ୍ୟାୟରେ ପ୍ରଧାନମନ୍ତ୍ରୀ କର୍ଣ୍ଣାଟକର ମହୀସୁରରେ ସ୍ୱାମୀ ବିବେକାନନ୍ଦ ସାଂସ୍କୃତିକ ଯୁବକେନ୍ଦ୍ର-ବିବେକ ସ୍ମାରକର ଉଦ୍‌ଘାଟନ କରିବେ । ସେଠାରେ ଏକ ଜନସଭାକୁ ଶ୍ରୀ ମୋଦୀ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି ।

## ଆର୍‌ବିଆଇ

ଭାରତୀୟ ରିଜର୍ଭବ୍ୟାଙ୍କ ବୃହତ ଜମାରାଶି ପାଇଁ ସୁଧହାର ଉପରେ ସଂଶୋଧିତ ନିର୍ଦ୍ଦେଶାବଳୀ ଜାରି କରିଛି । ଜାରି ବିଜ୍ଞପ୍ତି ଅନୁଯାୟୀ ବ୍ୟାଙ୍କ୍ ଗୁଡ଼ିକ ଜମା ଉପରେ ସୁଧହାର ୱେବ୍‌ସାଇଟ୍ ମାଧ୍ୟମରେ ଆଗୁଆ ଜଣାଇବା ଉଚିତ୍ । ପ୍ରକାଶିତ ହାରରେ ବ୍ୟାଙ୍କ୍‌ଗୁଡ଼ିକୁ ସୁଧ ଦେବାକୁ ପଡ଼ିବ । ପ୍ରତ୍ୟେକ କାର୍ଯ୍ୟ ଦିବସରେ ବ୍ୟାଙ୍କ୍‌ର ୱେବ୍‌ସାଇଟ୍‌ରେ ବୃହତ ଜମା ଉପରେ ଦେୟ ସୁଧହାର ପ୍ରକାଶ କରିବା ବାଧ୍ୟତା ମୂଳକ

କରାଯାଇଛି । ବ୍ୟାଙ୍କ୍‌ଗୁଡ଼ିକ ସେହି ଦିନରେ ଗ୍ରାହକମାନଙ୍କୁ ସମାନ ପରିମାଣ ପାଇଁ କୌଣସି ପକ୍ଷପାତ ବିନା ସମସ୍ତ ଶାଖା ବ୍ୟାଙ୍କ୍‌ଗୁଡ଼ିକରେ ସୁଧହାର ସମାନ ରଖିବାର ଜରୁରୀ ରହିଛି । ଏହି ସଂଶୋଧିତ ନିର୍ଦ୍ଦେଶାବଳୀ ଆସନ୍ତା ଅକ୍ଟୋବର ପହିଲାରୁ କାର୍ଯ୍ୟକାରୀ ହେବ ।

## ଏଲ୍‌ଏସ୍-ଜୟଶଙ୍କର

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର କହିଛନ୍ତି, ଭାରତ’ ଆନ୍ତର୍ଜାତିକ ଶାନ୍ତି ଓ ସୁରକ୍ଷାକୁ ସୁଦୃଢ଼ କରିବା ଲାଗି ଜାତିସଂଘକୁ ନିରନ୍ତର ସମର୍ଥନ ପ୍ରଦାନ କରିଆସିଛି । ଲୋକସଭାରେ ଆଜି ଏକ ପ୍ରଶ୍ନର ଲିଖିତ ଉତ୍ତରରେ ଡକ୍ଟର ଜୟଶଙ୍କର କହିଛନ୍ତି, ଏହି ସମର୍ଥନ ବିଭିନ୍ନ ଭାବରେ ପ୍ରଦର୍ଶିତ ହୋଇଛି । ବିଶ୍ୱରେ ଶାନ୍ତି ଓ ସୁରକ୍ଷା ପ୍ରଦାନ ଦିଗରେ ଭାରତର ବୃହତ ଅବଦାନ ରହିଛି । ପ୍ରାୟ ୩ ଲକ୍ଷ ଶାନ୍ତି ରକ୍ଷାକାରୀ ୫୦ରୁ ଊର୍ଦ୍ଧ୍ୱ ଜାତିସଂଘ ମିଶନ୍ କାର୍ଯ୍ୟକ୍ରମରେ ନିଜର ସେବା ପ୍ରଦାନ କରିଛନ୍ତି । ନିକଟରେ ୪ ହଜାର ୨୦୦ ଭାରତୀୟ ଶାନ୍ତିରକ୍ଷାକାରୀ ୯ଟି କାର୍ଯ୍ୟକ୍ରମରେ ଭାଗ ନେଇ ଆନ୍ତର୍ଜାତିକ ସୁରକ୍ଷା ଦିଗରେ ନିଜର ଦକ୍ଷତା ପ୍ରତିପାଦିତ କରିଛନ୍ତି । ଡକ୍ଟର ଜୟଶଙ୍କର ସନ୍ତ୍ରାସବାଦ ସମ୍ପର୍କରେ ମତାମତ ପ୍ରଦାନ କରି କହିଛନ୍ତି, ଭାରତ ସର୍ବଦା ଆତଙ୍କବାଦ ଦିଗରେ ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରି ଆସିଛି ଏବଂ ସର୍ବଦା ଏହାକୁ

ପ୍ରତିହତ କରିବା ପାଇଁ ତାର ପ୍ରଚେଷ୍ଟା ଜାରି ରଖିବ । ସେ କହିଛନ୍ତି, ୧୯୯୬ ପରଠାରୁ ଭାରତ' ଆନ୍ତର୍ଜାତିକ ଆତଙ୍କବାଦ ସମ୍ପର୍କରେ ବ୍ୟାପକ ସମ୍ମିଳନୀ କରିବା ପାଇଁ ଆହ୍ୱାନ ଦେଇ ଆସିଛି ।

## ସିଡବ୍ଲ୍ୟୁଜି-ବକ୍ସିଂ

ଭାରତୀୟ ମୁଷ୍ଟି ଯୋଦ୍ଧା ପ୍ରୀତି ପାୱାର ୨୦୨୬ ରାଜ୍ୟଗୋଷ୍ଠୀ କ୍ରୀଡ଼ା ପ୍ରତିଯୋଗିତାରେ ମହିଳା ୫୪ କିଲୋଗ୍ରାମ ଫାଇନାଲ୍ ପର୍ଯ୍ୟାୟକୁ ଉନ୍ନିତ ହୋଇଛନ୍ତି । ସେ ଜାମ୍ବିୟାର ପ୍ରତିଦ୍ୱନ୍ଦ୍ୱୀଙ୍କୁ ୫-୦ରେ ପରାସ୍ତ କରିଛନ୍ତି । ଏହା ଫଳରେ ଭାରତ ରୌପ୍ୟ ପଦକ ପାଇବା ପାଇଁ ସୁନିଶ୍ଚିତ ହୋଇଛି । ଆସନ୍ତାକାଲି ଫାଇନାଲ୍‌ରେ ପ୍ରୀତି ପାୱାର କାନାଡ଼ାର ସ୍କାଲେଟ୍ ଡେଲଗାଡୋଙ୍କୁ ଭେଟିବେ । ଗ୍ଲାସ୍‌ଗୋଠାରେ ଚାଲିଥିବା ଏହି କ୍ରୀଡ଼ା ପ୍ରତିଯୋଗିତାରେ ଭାରତ ଏ ପର୍ଯ୍ୟନ୍ତ ୧୭ଟି ପଦକ ହାସଲ କରିଛି । ସେଥିମଧ୍ୟରେ ରହିଛି ୩ଟି ସ୍ୱର୍ଣ୍ଣ, ୯ଟି ରୌପ୍ୟ ଏବଂ ୫ଟି ବ୍ରୋଞ୍ଜ ପଦକ ।